Institute of
Media
Studies
ESTD. 1994

# Institute of Media Studies

(Affiliated to Utkal University)
Orissa Co-operative Housing Corp. complex
Unit-III, Kharvel Nagar, Bhubajneswar-751001
Tel: 0674 – 2394312, Fax -: 0674 – 2394314
E-mail:iims_bbsar@rediffmail.com, imsodisha@gmail.com
Website: www.imsorissa.org.in

# ଆଇ.ଏମ୍.ଏସ୍.ରେ ଜାତୀୟ ପ୍ରେସ୍ ଦିବସ

ଭୁବନେଶ୍ୱର ୧୬/୧୧/୨୦୧୭: ଆଜି ସ୍ଥାନୀୟ ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ଅବସରରେ "ଲୋକପ୍ରିୟତା ଦୌଡ: ଭାରତୀୟ ଟେଲିଭିଜନ ଖବର ଉପସ୍ଥାପକୀଙ୍କ ମଧରେ ଯୁଦ୍ଧ" ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାଲାଇଭ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବରିଷ୍ଠ ସାମ୍ବାଦିକ ନିଳାମ୍ବର ରଥ ଗଣମାଧ୍ୟମ କ୍ଷେତ୍ରରେ ଖବର ପ୍ରସାରଣ ପ୍ରସଙ୍ଗ ଭିତିକ ହେବା ସହିତ ବାସ୍ତବବାଦୀ ଘଟଣା ସବୁ ଲୋକ ଲୋଚନକୁ ଆସିବା ଦରକାର ବୋଲି ମତ ଦେଇଥିଲେ । ଜଣେ ଖବରଦାତା ନିଜର ପରିଧି ଭିତରେ ରହି ଖବର ପ୍ରସାରଣର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ଦରକାର ବୋଲି ସେ କହିଥିଲେ । ବର୍ତମାନ ଖବରଦାତା ମାନେ ସାମ୍ବାଦିକତା ଛାଡି କେବଳ ବସ୍ତୁବାଦୀ  ଆବଶ୍ୟକତାର କ୍ରିୟାନୟନରେ ବ୍ୟସ୍ତ ରହୁଛନ୍ତି ।

ଖବର ପ୍ରସାରଣ କ୍ଷେତ୍ରରେ ଲୋକପ୍ରିୟତା ହାସଲ କରିବା ବର୍ତମାନ ଏକ ପ୍ରତିଯୋଗିତା ମୂଳକ ସ୍ଥିତିରେ ପହଂଚିଛି ଏବଂ ଖବର ପ୍ରସାରଣର ମୂଳ ଲକ୍ଷ ପରିବର୍ତନ ହୋଇଯାଉଛି ବୋଲି ବରିଷ୍ଠ ସାମ୍ବାଦିକ ସତ୍ୟଜିତ ମିଶ୍ର ମତ ପୋଷଣ କରିଥିଲେ । ବର୍ତମାନ ଖବର ଉପସ୍ଥାପକ ମାନେ କେବଳ ଏକ ଟେଲିପ୍ରମ୍ଟର  ରିଡର ଭାବରେ ଦାୟିତ୍ୱ ତୁଲାଉଥିବା ବେଳେ ବୈଦ୍ୟୁତିକ ଗଣମାଧ୍ୟମ ମାନେ ଏକ ବ୍ୟବସାୟିକ ଦିଗ ପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି । ଯାହା ଫଳରେ ବାସ୍ତବ ଚିତ୍ରକୁ ଉପସ୍ଥାପନ କରିବା ପରିବର୍ତେ ତାହାକୁ ମସଲାଦାର କରାଯାଉଛି । ବିଜେପିର ରଷ୍ଟ୍ରିୟ ଅଧକ୍ଷ ଅମିତ ଶାହଙ୍କ ପୁଅଙ୍କ ହଠାତ୍ ବ୍ୟବସାୟୀକ ଉନ୍ନତି ଏବଂ ଅଜିତ୍ ଡୋଭାଲଙ୍କ ପୁଅଙ୍କର ପ୍ରତିରକ୍ଷା ଦୁର୍ନୀତିରେ ସଂପୃକ୍ତି ଉଦାହରଣ ମାନ ଦେଇ ଏହି ଖବର ଉପରେ ଜାତୀୟ ଗଣମାଧ୍ୟମ ମାନଙ୍କର ନିରବତାକୁ ସେ ପ୍ରଶ୍ନ ଉଠାଇଥିଲେ ।

ଅନ୍ୟତମ ଅତିଥି ଭାବେ ଯୋଗଦେଇ ଇଟିଭି ଭାରତ (ଓଡ଼ିଆ)ର ରାଜ୍ୟ ଖବର ସଂଯୋଜିକା ସାରଦା ଲାହାଙ୍ଗିର କହିଥିଲେ ଯେ ବର୍ତମାନ ଗଣମାଧ୍ୟମ ଗଣତନ୍ତ୍ରର ଜଗୁଆଳ ନ ହୋଇ ସେ ସରକାରର ପୋଷା କୁକୁର ପାଲଟି ଯାଇଛି । ଏଥିରୁ ନିବୃତ ରହିବାକୁ ହେଲେ ସାମ୍ବାଦିକ ମାନେ ଏହାକୁ ବୃତି ଅପେକ୍ଷା ଜିବନର ଲକ୍ଷ ଭାବେ ଗ୍ରହଣ କରିବା ଉଚିତ ବୋଲି ସେ ଦର୍ଶାଇଥିଲେ ।

ଅନ୍ୟମାନଙ୍କ ମଧରେ ଉକ୍ତ ଅଲୋଚନାଚକ୍ରରେ, ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ, ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗର ସଂଯୋଜକ ମନୋରଞ୍ଜନ ପଣ୍ଡା, ବିଭିନ୍ନ ବିଭାଗର ଅଧାପକ ଅଧାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।